# Akashvani, Sambalpur

## SAMBALPURI NEWS BULLETIN

### 10 February 2025- 6.47- 6.52 am.

*********************************************

ପରୀକ୍ଷା ପେ ଚର୍ଚ୍ଚା        ପି.ଆଇ.ବି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏଜ୍ ଦିନର୍ ୧୧ ବଜେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଦେଶର ଭିନ୍ ଭିନ୍ ଜାଗାର ୩୬ ଝନ୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ୍ କଥାବାର୍ତା କର୍‌ବେ । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା ୮ ନମ୍ବର୍ ଖେପ୍ ହେବା । ଇତାକେ ଭିନ୍ ଭିନ୍ ବିଷେଥି ୮ଟା ଶୃଙ୍ଖଳାଥି ପ୍ରସାରଣ କରାଯିବା । ଆଲୋଚନାର୍ ସିଧା ପ୍ରସାରଣ୍ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ ୟୁଟ୍ୟୁବ୍ ଚ୍ୟାନେଲ୍ ଶିକ୍ଷା ମନ୍ତ୍ରଣାଳୟ ଆର୍ ସୂଚନା ଆର୍ ପ୍ରସାରଣ ମନ୍ତ୍ରଣାଳୟର୍ ସାମାଜିକ ଗଣମାଧ୍ୟମ୍ ଜରିଆଥି କରାହେବା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଇ ଅବ୍‌ସରେ ଛାତ୍ରଛାତ୍ରୀ, ଅଭିଭାବକ୍ ଆର୍ ଶିକ୍ଷକ୍‌ମାନଙ୍କର୍ ସାଙ୍ଗେ ଆଲୋଚନା କରି କରି ପରୀକ୍ଷାର୍ ପ୍ରସ୍ତୁତି, ଚାପ ନିୟନ୍ତ୍ରଣ ଆର୍ ବ୍ୟକ୍ତିଗତ୍ ବିକାଶକେ ନେଇକରି ମାର୍ଗଦର୍ଶନ୍ କର୍‌ବେ ।  ଇ ବାବ୍‌ଦେ

ସମ୍ବଲ୍‌ପୁର୍ କେନ୍ଦ୍ରୀୟ ବିଦ୍ୟାଳୟର୍ ଛାତ୍ରୀ ଆଦ୍ୟାଶା ପଣ୍ଡା କହିଛନ୍....

(ଭଏସ୍ ଓଭର୍- ୧- ଛାତ୍ର)

ରାଷ୍ଟ୍ରପତି - ମହାକୁମ୍ଭ ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଉତର୍‌ପ୍ରଦେଶ୍‌ର ପବିତ୍ର ପ୍ରୟାଗ୍‌ରାଜ୍ ଠାନେ ମହାକୁମ୍ଭ ମେଳାକେ ଯାଇକରି ତ୍ରିବେଣୀ ସଂଗମ୍ ନ ବୁଡ଼ ପକାବେ । ଇତାର୍‌ସହେତେ ରାଷ୍ଟ୍ରପତି ଅକ୍ଷୟବଟ ଆର୍ ବଡ଼ ହନୁମାନ୍ ମନ୍ଦିର୍ ନ ଦର୍ଶନ୍ ଆର୍ ପୂଜାର୍ଚ୍ଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ଉତର୍‌ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଭିଲ୍ ଉପସ୍ଥିତ୍ ରହେବେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି

ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଧାନ୍ ଘିନା- ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଧାନ୍ ଘିନା ସମିଆଥି କଟ୍‌ନୀ ଛଟ୍‌ନୀ ବନ୍ଦ୍ ନାଇଁ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, କାଁ ଭାଁ କେନୁ କେନ୍ତା କଟ୍‌ନୀ ଛଟ୍‌ନୀ ଅଭିଯୋଗ୍ ହେଉଛେ । ସର୍‌କାର୍‌ଙ୍କର୍ କଡ଼ା ପଦକ୍ଷେପ୍ ଲାଗି ଧାନ୍ ଘିନା ବେଲେ କଟ୍‌ନୀ ଛଟ୍‌ନୀ ବହୁତ୍‌ଟେ କମିଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ରାଷ୍ଟ୍ରୀୟ ଖେଲ୍ ସମାରୋହ          ହି.ସ.

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ୩ ଦିନିଆ ରାଷ୍ଟ୍ରୀୟ ଖେଲ୍ ସମାରୋହର ଆଏଜ୍ ଉଦ୍‌ଯାପନୀ ସମାରୋହ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସମାରୋହଥି ଯୋଗ୍ ଦେଇକରି ଖେଲାଲୀମାନ୍‌କୁ ପୁରସ୍କୃତ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଏକଲ୍ ସ୍କୁଲ୍ ଅଭିଯାନ୍‌ଥି ଗଲା ୮ ତାରିଖ୍‌ନୁ ମୁଲ୍ ହେଇଥିବା ଇ

ପ୍ରତିଯୋଗିତା ପହେଲାଥର୍ ଲାଗି ରାଏଜେ ଆୟୋଜନ୍ କରାଯାଇଛେ । ଇଥି ଭିନ୍ ଭିନ୍ ପ୍ରତିଯୋଗିତାଥି ଦେଶର ୨୮ ଟା ରାଜ୍ୟର୍ ୧୨ ଶହ ନୁ ଅଏତ୍କା ଛୁଆ ଭାଗ୍ ନେଇଛନ୍ ।

କୃମିନାଶକ୍ ଉଷୋ ଆର୍ଏନ୍ୟୁ/ସମ୍ବଲପୁର

ଜାତୀୟ କୃମିନାଶକ୍ ଦିବସ୍ ଅବ୍ସରେ ସର୍କାର୍ଙ୍କର୍ ତର୍ଫୁ ଆଏଜ୍ ୧ ନୁ ୧୯ ବଛର୍ ଭିତ୍ରେ ଥିବା ସବୁ ଛୁଆ, ପିଲା, ଟୁକେଲ୍ ଆଉ ୨୦ ନୁ ୨୪ ବଛର୍ ବୟସ୍କ ମହିଳାମାନ୍କୁ ଆଲ୍ବେଣ୍ଡାଜଲ୍ ବଟିକା ଆର୍ ସିରପ୍- ଅଙ୍ଗନବାଡ଼ି କେନ୍ଦ୍ର, ସର୍କାରୀ, ବେସର୍କାରୀ ବିଦ୍ୟାଲୟ ଆର୍ ମହାବିଦ୍ୟାଲୟ ମାନ୍କେ ଦିଆଯିବା । ଯେନ୍ମାନେ ଆଏଜ୍ ଇ ବଟିକା ନାଇଁ ଖାଇପାର୍ବେ ସେମାନ୍କୁ ଆଏବା ୧୭ ତାରିଖ୍ ଦିନ ମପ୍ ଅପ୍ ଦିବସ୍ଥି ଇ ଉଷୋ ଖାଏବାର୍କେ ଦିଆଯିବା । ସ୍ୱାସ୍ଥ୍ୟ ବିଭାଗ୍ର ସୂଚ୍ନା ଅନ୍ସାରେ ଆଏଜ୍ ରାଏଜେ ୧ କୋଟି ୪୬ ଲାଖ୍ ପିଲାଟୁକେଲ୍ ଆର୍ ୧୭ ଲାଖ୍ ୭ ହଜାର୍ ମହିଳାଙ୍କୁ ଇ ଉଷୋ ଖୁଆଯିବାର୍ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ସମ୍ବଲ୍ପୁର୍ ନ ୩ ଲାଖ୍ ୨୦ ହଜାର୍ନୁ ଅଏତ୍କା ଛୁଆମାନ୍କୁ ଇ ଉଷୋ ଖୁଆବାର୍ ଲକ୍ଷ୍ୟ ରଖାଯାଇଛେ ।

ଫାଇଲେରିଆ-ସାମୂହିକ ଉଷୋ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଫାଇଲେରିଆକେ ରୁକ୍‌ବାର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍‌ଠାନୁ ସାମୂହିକ୍ ଉଷୋ ଖାଏବାର୍ ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍ ଆଏବା ୧୯ ତାରିଖ୍ ତକ୍ ଚାଲ୍‌ବା । ଫାଇଲେରିଆ ଜହ ହଉଥିବା ଜିଲ୍ଲା ବଲାଙ୍ଗିର୍, କଲାହାଣ୍ଡି, କଟକ୍, ନୟାଗଡ଼୍, କନ୍ଧମାଲ୍ ଆର୍ ରାୟଗଡ଼ା ନ ପହେଲାଖେପେ ଇ କାର୍ଯ୍ୟକ୍ରମ୍ ହେବା । ଗର୍ଭବତୀ, ୨ ବଛର୍‌ନୁ କମ୍ ବୟସର୍ ଛୁଆ ଆର୍ ରୋଗୀମାନେ ଇ ଉଷୋ ନାଇଁ ଖାଇପାରନ୍ । ଆଶାକର୍ମୀ ଆର୍ ତାଲିମ୍ ପାଇଥିବା ସ୍ୱେଚ୍ଛାସେବୀମାନେ ଘର୍‌ଘର୍, ସ୍କୁଲ୍, କଲେଜ୍ ଆର୍ ଭିନ୍ ଭିନ୍ ଅଫିସ୍ ଯାଇକରି ଲୁକ୍‌କୁ ଉଷୋ ଖୁଆବେ ।

ଜାତୀୟ ମହିଳା କମିଶନ୍ ଅଧ୍ୟକ୍ଷ-ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ମହିଳା କମିଶନ୍ ଅଧ୍ୟକ୍ଷ ବିଜୟା ରାହତ୍‌କର୍ ଆଏଜ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଗସ୍ତ ସମିଆଥି ଶ୍ରୀମତୀ

ରାହତ୍‌କର୍ ଓଡ଼ିଶା ରାଜ୍ୟ ମହିଳା ଆୟୋଗ୍‌ର ଥାପ୍‌ନା ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଇତାର୍‌ସହେତେ ମାନବ ଚାଲାଣ୍ ନିରାକରଣ୍, ବାଲ୍ୟବିବାହ ନିରାକରଣ୍ କେ ନେଇକରି ରାଜ୍ୟର୍ ଥିତି ବାବ୍‌ଦେ ସମୀକ୍ଷା କର୍‌ବେ ବଲି ଜନାପଡ଼ିଛେ ।

ଭାରତ୍-ଇଂଲଣ୍ଡ ମେଚ          ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଭାରତ୍-ଇଂଲଣ୍ଡ ଦିନ୍‌କିଆ କ୍ରିକେଟ ମେଚ୍‌ଥି ଭାରତ୍‌ର ଐତିହାସିକ୍ ବିଜୟ ସହେତେ ୨-ଶୂନ୍ ଥି ସିରିଜ୍ ଦଖଲ୍ କରିଛେ । ଇଂଲଣ୍ଡର ୩ ଶହ ୫ ରନ୍‌ର ଲକ୍ଷ୍ୟକେ ଭାରତୀୟ ଦଲ୍ ୪୪ ଓଭର୍ ୩ ବଲ୍‌ଥି ପୁରା କରିଥିଲେ । ରୋହିତ୍ ଶର୍ମା ସବୁନୁ ଅଏତ୍‌କା ଶହେ ୧୯ ରନ୍ କରିକରି ମେନ୍ ଅଫ୍ ଦି ମେଚ୍ ହେଇଥିଲେ । ସିରିଜ୍‌ର ଶେଷ୍ ମେଚ୍ ଆଏବା ୧୨ ତାରିଖ୍ ଦିନ ଅହମ୍ମଦାବାଦ୍ ନ ଖେଲାଯିବା ।

ଜାତୀୟ କ୍ରୀଡ଼ା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ଆଏଜ୍ ଓଡ଼ିଶାକେ ୨ ଟା ସ୍ୱର୍ଣ୍ଣ ଆର୍ ଗୁଟେ ରୌପ୍ୟ ପଦକ୍ ମିଳିଛେ ।

ପୁରୁଷ ୪ ଗୁନା ଶହେ ମିଟର୍ ରିଲେ ଦୌଡ଼ଥି ଓଡ଼ିଶା ଦଲ୍ ସ୍ୱର୍ଣ୍ଣ ପଦକ୍ ଜିତିଥିଲା ବେଲେ ପୁରୁଷ ୪ ଶହ ମିଟର୍ ଦୌଡ଼ଥି ବାପି ହାଁସ୍ଦା ରାଜ୍ୟ ଲାଗି ସ୍ୱର୍ଣ୍ଣପଦକ୍ ଆନିଦେଇଛନ୍ । ସେନ୍ତା ପୁରୁଷ ଉଛଡିଆଁ ବର୍ଗଥି ସ୍ୱାଧୀନ୍ ମାଝୀ ରୌପ୍ୟ ପଦକ୍ ଜିତିଛନ୍ ।